# India’s humanitarian assistance to Afghanistan

June 02, 2022

## ଆଫଗାନିସ୍ତାନକୁ ଭାରତର ମାନବିକ ସହାୟତା ପ୍ରଦାନ

**ଜୁନ 02, 2022**

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ (ପିଏଆଇ) ନେତୃତ୍ୱରେ ଏକ ଟିମ୍ ସମ୍ପ୍ରତି ଆଫଗାନିସ୍ତାନରେ ଆମର ମାନବିକ ସହାୟତା କାର୍ଯ୍ୟର ତଦାରଖ ପାଇଁ କାବୁଲ ଗସ୍ତରେ ଯାଇଛନ୍ତି।

2. ଏହି ଗସ୍ତ ସମୟରେ ଏହି ଟିମ୍ ମାନବିକ ସହାୟତା ବଣ୍ଟନରେ ଜଡିତ ଆନ୍ତର୍ଜାତିକ ସଂଗଠନର ପ୍ରତିନିଧୀମାନଙ୍କୁ ଭେଟିବ। ଏତଦ୍ ବ୍ୟତୀତ ଏହି ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ କରିବ ଯେଉଁଠାରେ ଭାରତୀୟ କାର୍ଯ୍ୟକ୍ରମ/ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି।

3. ଏହା ଉଲ୍ଲେଖ କରାଯାଇପାରେ ଯେ ଆଫଗାନିସ୍ତାନର ମାନବିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତ ଆଫଗାନିସ୍ତାନବାସୀଙ୍କୁ ମାନବିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଏହି ପ୍ରୟାସ ଅନ୍ତର୍ଗତ ଆମେ 20,000 ମେଟ୍ରିକ ଟନ୍ ଗହମ, 13 ଟନ୍ ଔଷଧ, 500,000 ଡୋଜ୍ କୋଭିଡ ଟିକା ଏବଂ ଶୀତବସ୍ତ୍ର ପୂର୍ବରୁ ପଠାଇଛୁ। ଏହି ସାମଗ୍ରୀଗୁଡ଼ିକ କାବୁଲର ଇନ୍ଦିରା ଗାନ୍ଧୀ ଶିଶୁ ଡାକ୍ତରଖାନା ଏବଂ ଡବ୍ଲୁଏଚଓ ଏବଂ ଡବ୍ଲୁଏଫପି ସମେତ ଜାତିସଂଘର ସ୍ୱତନ୍ତ୍ର ଏଜେନ୍ସିମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାଛଡା ଭାରତ ଆଫଗାନିସ୍ତାନକୁ ଅଧିକ ଚିକିତ୍ସା ସହାୟତା ଓ ଖାଦ୍ୟଶସ୍ୟ ପଠାଇବା ପାଇଁ ପ୍ରସ୍ତୁତି କରୁଛି।

4. ଆଫଗାନିସ୍ତାନ ଭାଇମାନଙ୍କ ସହ ଆମର ବିକାଶ ସହଭାଗୀତାକୁ ଜାରି ରଖି ଆମେ ଇରାନରେ ଆଫଗାନିସ୍ତାନ ଶରଣାର୍ଥୀମାନଙ୍କ ପାଇଁ ଇରାନକୁ ଭାରତ ନିର୍ମିତ କୋଭ୍ୟାକ୍ସିନର ଏକ ମିଲିୟନ ଡୋଜ୍ ଉପହାର ଦେଇଛୁ। ଆମେ ପ୍ରାୟ 60 ମିଲିୟନ ଡୋଜ୍ ପୋଲିଓ ଟିକା ଏବଂ ଦୁଇ ଟନ୍ ଅତ୍ୟାବଶ୍ୟକୀୟ ଔଷଧ ୟୁନିସେଫକୁ ଯୋଗାଇ ଦେଇଛୁ।

5. ଭାରତର ବିକାଶ ଓ ମାନବିକ ସହାୟତାକୁ ଆଫଗାନିସ୍ତାନରେ ବ୍ୟାପକ ପ୍ରଶଂସା ମିଳିଛି।

6. ଏହି ସଂପର୍କରେ ଭାରତୀୟ ଦଳ ବରିଷ୍ଠ ତାଲିବାନ ସଦସ୍ୟଙ୍କୁ ଭେଟିବ ଏବଂ ଆଫଗାନିସ୍ତାନର ଲୋକମାନଙ୍କୁ ଭାରତର ମାନବିକ ସହାୟତା ପ୍ରସଙ୍ଗରେ ଆଲୋଚନା କରିବ।

7. ଆଫଗାନିସ୍ତାନର ଲୋକମାନଙ୍କ ସହ ଭାରତର ଐତିହାସିକ ଓ ସଭ୍ୟତାଗତ ସଂପର୍କ ରହିଛି ଏବଂ ଏହି ଦୀର୍ଘ ଦିନର ସଂପର୍କ ଆମର ଆଭିମୁଖ୍ୟକୁ ଜାରି ରଖିବାରେ ସହାୟକ ହେବ।

**ନୂଆଦିଲ୍ଲୀ**

**ଜୁନ 02, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.